ସକାଳ THE SAKALA



www.sakalaepaper.com

## ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତରଙ୍କୁ ଗିରଫ ଦାବିରେ କର୍ମଚାରୀ ଓ ଆଶାକର୍ମୀଙ୍କ ବିକ୍ଷୋଭ

ମୋହନା, ୧୮।୨(ସମିସ)

ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଜୟ ପଣ୍ଡାଙ୍କ ବଦଳି ସହ ଗିରଫ ଦାବି କରିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀ। ବୁଧବାର ସ୍ଥାନୀୟ ହାଇସ୍କୁଲ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ତହସିଲଦାରଙ୍କ

**ତହସିଲଦାରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ଆଶାକର୍ମୀଙ୍କ ଦାବିପତ୍ର**




କାର୍ଯ୍ୟାଳୟରେ ପହଞ୍ଚିଥିଲେ ଶତାଧିକ ଆଶାକର୍ମୀ ଓ କର୍ମଚାରୀ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଜୟ ପଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱରେ ଥିବାବେଳେ ବହୁ ଦୁର୍ନୀତିରେ ଲିପ୍ତ ଅଛନ୍ତି। ଆଶାକର୍ମୀଙ୍କୁ ସଠିକ ଭାବେ ପାରିଶ୍ରମିକ ମିଳୁ ନଥିଲା। ଏଥିସହ ପାରିଶ୍ରମିକ କରିବାକୁ ଆଶାକର୍ମୀଙ୍କୁ ଲାଞ୍ଚ ମାଗୁଥିଲେ। ତାଙ୍କ ପତ୍ନୀ ଓ ଭଉଣୀ ବୀମା ଏଜେଣ୍ଟ ଥିବାରୁ ଆଶାକର୍ମୀଙ୍କୁ ତାଙ୍କ ପାଖରେ ବୀମା କରିବାକୁ ଚାପ ପକାଉଥିଲେ। କେହି ତାହା ନକଲେ ତାଙ୍କର ପାରିଶ୍ରମିକ ବନ୍ଦ କରିବା ସହ ସମସ୍ତ ଆଶାକର୍ମୀଙ୍କ ପ୍ରୋତ୍ସାହନ ରାଶି ପ୍ରଦାନରେ ଅହେତୁକ ବିଳମ୍ବ କରୁଥିଲେ। ସେହିପରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ମଧ୍ୟ ମାସିକ ଦରମା କରିବାରେ ଜାଣିଶୁଣି ଅହେତୁକ ବିଳମ୍ବ କରୁଥିଲେ। ପ୍ରତିବାଦ କଲେ ଆକ୍ରୋଶମୂଳକ ଭାବେ ଡା. ପଣ୍ଡା ହଇରାଣ କରୁଥିଲେ ବୋଲି ଅଭିଯୋଗ କରାଯାଇଛି।

ଆରକେଏସ, ଜିକେଏସ ଓ ଜେଏଏସ୍ ପାଣ୍ଠି ଅନୁଦାନକୁ ମିଥ୍ୟା ବିଲ କରି ସରକାରୀ ଅର୍ଥ ହରିଲୁଟ କରୁଥିଲେ ବୋଲି କର୍ମଚାରୀ ଅଭିଯୋଗ କରିଛନ୍ତି। ସେ ନିଜେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଥିବା ସତ୍ତ୍ୱେ କାର୍ଯ୍ୟାଳୟକୁ ନଯାଇ ରୋଗୀସେବା ନକରି ନିଜ କ୍ୱାର୍ଟର୍ସରେ ହିଁ ରହୁଥିଲେ ବୋଲି ମଧ୍ୟ କର୍ମଚାରୀ ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିଗ୍ରସ୍ତ ଡାକ୍ତରଙ୍କ ବଦଳି ଦାବିରେ ଗତ ୯ ତାରିଖ ଦିନ ଅହୋରାତ୍ର ଧାରଣା ଦେଇଥିଲେ ଆଶାକର୍ମୀ। ଏଥିସହ ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀ ସମୂହ ଛୁଟିରେ ଯାଇଥିଲେ। ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ଡା. ପଣ୍ଡାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱରୁ ହଟାଇଥିଲା ଜିଲ୍ଲା ପ୍ରଶାସନ। ତାଙ୍କୁ ତୁରନ୍ତ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରୁ ବଦଳି ସହ ଗିରଫ ଦାବି କରିଛନ୍ତି ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ। ଏନେଇ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୋହନା ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ପ୍ରସାଦ ଭୂୟାଁଙ୍କୁ ପ୍ରଦାନ କରାଯାଇଛି। ଯଦି ସେମାନଙ୍କ ଦାବି ପୂରଣ ନହୁଏ ତେବେ ଆଗାମୀ ଦୁଇଦିନ ପରେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆଶାକର୍ମୀ ସଂଘ ଜିଲ୍ଲା ସଭାପତି ନିରୁପମା ନାୟକ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସଂଘ ସଭାପତି ବିମ୍ବାଧର ମଲ୍ଲିକ ଓ ବିପିଏମ ବିଭୂ ପ୍ରସାଦ କର ଚେତାବନୀ ଦେଇଛନ୍ତି।

# ନିଖୋଜର ୫ ଦିନ ପରେ ମିଳିଲା ମୃତଦେହ

ଜି.ଉଦୟଗିରି,୧୮।୨(ସମିସ): ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଡୁଗୁଡିପାରୀ ଜଙ୍ଗଲକୁ ପରିବାର ସହିତ ଜାଳେଣି କାଠ ଆଣିବାକୁ ଯାଇ ଜଣେ ଯୁବକ ସଚ୍ଚିନ୍ଦ୍ର କହଁର ନିଖୋଜ ହୋଇଯାଇଥିଲେ। ନିଖୋଜର ୫ ଦିନ ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏକ ଚୁଆ ପାଣିରେ ମୃତଦେହ ଭାସୁଥିବା ବେଳେ ଦେହରେ ପୋଷାକ ନ ଥିବା ଦେଖିବାକୁ ମିଳିଛି। ପାରିପାଶ୍ୱରିକ ସ୍ଥିତିକୁ ଲକ୍ଷ୍ୟ କରି ପୁଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ। ଶୁକ୍ରବାର ଦିନ ମଧ୍ୟାହ୍ନରେ କଳିଙ୍ଗା ଡୁଗୁଡିପାରୀ, ଦୋକାନସାହିର ସଚ୍ଚିନ୍ଦ୍ର କହଁର, ସ୍ତ୍ରୀ ଆଲିମା କହଁର ଓ ଝିଅ ସହିତ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। କାଠ ସଂଗ୍ରହ କରି ବିଡ଼ା ବାନ୍ଧି ଘରକୁ ବାହାରିଲା ବେଳକୁ ସଚ୍ଚିନ୍ଦ୍ର କିଏ ଜଣେ ଡାକୁଛି ଭେଟିକି ଆସୁଛି କହି ଜଙ୍ଗଲ ଭିତରକୁ ଯାଇ ଆଉ ଫେରିନଥିଲେ। ସ୍ତ୍ରୀ ଏବଂ ଝିଅ ବହୁ ସମୟ ଅପେକ୍ଷା କରି ଶେଷରେ ଘରକୁ ଫେରିଥିଲେ। ବହୁଖୋଜାଖୋଜି କରିବା ପରେ ସୋମବାର ସ୍ତ୍ରୀ ଆଲିମା କହଁର ପୁଲିସକୁ ଜଣାଇଥିଲେ। ୧୪ ଜଣିଆ ପୁଲିସ ଟିମ ଦୁଇଦିନ ଧରି ଖୋଜା ଖୋଜି ଚଳାଇବା ସହିତ ଅଧିକ ଅନୁସନ୍ଧାନ ଚଳାଇଥିଲା। ଆଜି ତାଙ୍କ ମୃତଦେହ ମିଳିଛି।

# ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ଜୟନ୍ତୀ




ପାରଳାଖେମୁଣ୍ଡି,୧୮।୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଓଡ଼ିଆ ନାଟ୍ୟ ଆନ୍ଦୋଳନର ପ୍ରବାଦ ପୁରୁଷ ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ୧୪୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଆପନ୍ନା ପରିଚ୍ଛା ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ଐତିହାସିକ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ.ସୁଜିତ୍ କୁମାର ପଣ୍ଡା, ଡ. ବିପ୍ଳବ ରଞ୍ଜନ ପ୍ରଧାନ, ଡ଼.କଲ୍ୟାଣୀ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହିଅବସରରେ ମୁଖ୍ୟବକ୍ତା ଡ.ସୁଜିତ୍ କୁମାର ପଣ୍ଡାଙ୍କୁ ଆପନ୍ନା ପରିଚ୍ଛା ସ୍ମୃତି ସମ୍ମାନ, ଶିକ୍ଷାବିତ୍ ଦେବାଶିଷ ମହାପାତ୍ରଙ୍କୁ ଆପନ୍ନା ପରିଚ୍ଛା ପ୍ରତିଭା ସମ୍ମାନ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ରୋହିଣୀ କୁମ୍ଭଙ୍କୁ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ମୂରଲୀଧର ପରିଚ୍ଛା ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଶ୍ୱେତା ପଟ୍ଟନାୟକ, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ, ଗାୟତ୍ରୀ ପଟ୍ଟନାୟକ, ସ୍ନେହା ବେହେରା, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ନିତ୍ୟାନନ୍ଦ ଚୌଧୁରୀ, ଆର୍ତ୍ତତ୍ରାଣ ଚଇନି, ସଂଗୀତା ପାତ୍ର, ତ୍ରିପତି ପଣ୍ଡା, ବିଷ୍ଣୁ ପଣ୍ଡା, ସୁଜ୍ଞାନ ଚାନ୍ଦ ବ୍ରହ୍ମା, ଆଶାଲତା ପାଣିଗ୍ରାହୀ, ଡ.ରାମକୃଷ୍ଣ ପରିଚ୍ଛା, ହରପ୍ରସାଦ ସୁଆରୋ, ପ୍ରମୋଦ ପାଢ଼ୀ ଓ ଭାରତ ଭୂଷଣ ମହାନ୍ତିଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ସମସ୍ୟାରେ ଥିବା ନଦୀ ବ୍ରିଜ୍ ଓ ନାଳ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

ପାରଳାଖେମୁଣ୍ଡି,୧୮।୨(ସମିସ): ପାରଳାଖେମୁଣ୍ଡି ସହରରେ ଥିବା ମହେନ୍ଦ୍ରତନୟା ନଦୀ ବ୍ରିଜ୍ ଓ ନାଳ ଅଞ୍ଚଳ ପରିଦର୍ଶନ କରି ନିରୀକ୍ଷଣ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ। ଆଜି ସନ୍ଧ୍ୟାରେ ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରଥମେ ସହରକୁ ଲାଗି ଥିବା ସୀମାନ୍ତ ପର୍ଯ୍ୟନ୍ତ ଯାଇ ନାଳ ପରିଦର୍ଶନ କରିଥିଲେ। ଏହି ନାଳରେ ସହରର ସମସ୍ତ ବର୍ଜ୍ୟଜଳ ପ୍ରବାହିତ ହେଉଥିବା ବେଳେ ସୀମାନ୍ତରେ ଜମାଟ ବାନ୍ଧି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାସହ ସୀମାନ୍ତର ଉଭୟ ପଟରେ ଥିବା ଚାଷ ଜମିରେ ଏହି ଦୂଷିତ ଜଳି ପଶି ନଷ୍ଟ ହେଉଛି। ଏହାର ସଠିକ୍ ଯୋଜନା କରାଯାଇ ଆବର୍ଜନା ନଷ୍ଟ କରିବା ଏବଂ ସ୍ୱଚ୍ଛ ପାଣିକୁ ଆନ୍ଧ୍ରପଟକୁ ଛାଡିବାକୁ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ।



ପ୍ରକାଶ ଯେ, ଏପରି ଦୂଷିତ ଜଳ ଆନ୍ଧ୍ର ସୀମାନ୍ତରେ ପଶୁଥିବାରୁ ଆନ୍ଧ୍ର ତାର ସ୍ଥାନରେ ବାଟ ଓଗାଳି ବନ୍ଦ କରିଦେଇଛି। ଏଥିଯୋଗୁ ସହରର ଆବର୍ଜନା ପାଣି ଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ସେହିପରି ବିଧାୟକ ସହରର ମହେନ୍ଦ୍ରତନୟା ନଦୀରେ ଏକ ନାଳ ମିଶାଯାଉଥିବା ସ୍ଥାନ ପରିଦର୍ଶନ କରିଥିଲେ। ଏହି ନାଳ ପୁରୁଣାପାଟଣା ରାସ୍ତା ତଟ ଦେଇ ମହେନ୍ଦ୍ରତନୟାନଦୀରେ ମିଶ୍ରଣ ହେବ। ଫଳରେ ଆବର୍ଜନାପୂର୍ଣ୍ଣ ପାଣି ନଦୀଗର୍ଭରେ ପଶି ନଦୀର ଜଳରାଶିକୁ ଦୂଷିକ କରିବା ସମ୍ଭାବନା ରହିଛି। ଖବର ପାଇ ବିଧାୟକ ସେହି ସ୍ଥାନ ପରିଦର୍ଶନ କରିଥିଲେ। ଯେପରି ନାଳପାଣି ନଦୀରେ ନମିଶିବ ଏବଂ ଏହାକୁ ଲାଗିଥିବା ବ୍ରିଜର ସୁରକ୍ଷାପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହାପରେ ବିଧାୟକ ମହେନ୍ଦ୍ରତନୟା ବ୍ରିଜ୍‌ର ଭାଙ୍ଗିଥିବା ସ୍ଥାନ ଦେଖିଥିଲେ। ବ୍ରିଜର କେତେକ ସ୍ଥାନରେ ସିମେଣ୍ଟ କଂକ୍ରିଟ ଛାଡି ଯାଇଥିବା ବେଳେ ଏହାର ଲୁହାଛଡ ଦିଶୁଛି। ଏହି ଲୁହା ଛଡ ବାଜିବା ଯୋଗୁଁ ଯାତାୟତ କରୁଥିବା ଯାନବାହାନ କ୍ଷତିଗ୍ରସ୍ତ ହେଉଥିବା ବେଳେ ପଥଚାରୀ ଆହତ ହେଉଛନ୍ତି। ତୁରନ୍ତ ଏହାକୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ ଶ୍ରୀ ପାଣିଗ୍ରାହୀ। ବିଧାୟକଙ୍କ ଏହି ଗସ୍ତ ବେଳେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀ, ପୌରପରିଷଦ ଉପାଧକ୍ଷ ଲେଙ୍କାମଧୁ ଓ ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ ପୌର ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ରାସ୍ତା ଶୋଚନୀୟ

ବାଲିଗୁଡ଼ା,୧୮।୨(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବାଲିଗୁଡ଼ା ଗସ୍ତ ପରେ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଫଳରେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ହନ୍ତସନ୍ତ ହେଉଛନ୍ତି।

ପ୍ରକାଶ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଦଣ୍ଡପଦର ସ୍ଥିତ ଆଦର୍ଶ ବିଦ୍ୟାଳୟକୁ ଯିବା ରାସ୍ତା ଜାତୀୟ ରାଜପଥରୁ ମାତ୍ର ଏକ କିମି ଦୂରରେ ଅବସ୍ଥିତ। ଗତ ସୋମବାର ଦିନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାଲିଗୁଡ଼ା ଦଣ୍ଡପଦର ଯାତ୍ରା ପଡ଼ିଆରେ ହେଉଥିବା ସୁଭଦ୍ରା ଶକ୍ତି ମେଳାରେ ଯୋଗ ଦେବାକୁ ଆସିଥିବା ବେଳେ ବାଲିଗୁଡ଼ା ଆଦର୍ଶ ବିଦ୍ୟାଳୟରେ ହୋଇଥିବା ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ସେହି ରାସ୍ତା ଦେଇ ବାଲିଗୁଡ଼ାର ଅନ୍ୟତ୍ର ଓ ସୁଭଦ୍ରା ମେଳାକୁ ଯାଇଥିଲେ ଉପମୁଖ୍ୟମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ ଗସ୍ତ ପାଇଁ ପ୍ରଶାସନ ସେହି ରାସ୍ତାରେ କିଛି କ୍ରସର ଗୁଣ୍ଡ ଓ ପାଣି ପକାଇ କିଛି ଘଣ୍ଟା ପାଇଁ ସମତଳ କରିଦେଇଥିଲେ। କିନ୍ତୁ ଗୋଟିଏ ଦିନ ପରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଆଦର୍ଶ ବିଦ୍ୟାଳୟ ସମେତ ସିଟି ସ୍କୁଲ ଓ ବିଏସଏଫ୍ କ୍ୟାମ୍ପକୁ ଯିବାକୁ ହେଲେ ଏହି ରାସ୍ତା ଦେଇ ଯିବାକୁ ପଡିଥାଏ। ସେଇ ଅଞ୍ଚଳକୁ ପ୍ରତ୍ୟେକ ଦିନ ବହୁ ଛୋଟ ଗାଡ଼ି, ସ୍କୁଲ ଗାଡ଼ି ଯିବାଆସିବା କରୁଛି। ଏଥିଯୋଗୁ କୁନି କୁନି ସ୍କୁଲ ପିଲା ଯାତାୟାତରେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ସୁଭଦ୍ରା ମେଳାକୁ ସଫଳ କରିବାକୁ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନର ସମସ୍ତ ପଦାଧିକାରୀ ୮ ଦିନ ସେହି ଅଞ୍ଚଳରେ ଯିବା ଆସିବା କରୁଥିଲେ କିନ୍ତୁ କାହା ନଜରରେ ଏହି ରାସ୍ତା ଆସୁନଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେହି ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହେଉଛି।



# କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



ଜି.ଉଦୟଗିରି,୧୮।୨(ସମିସ): ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କେନ୍ଦ୍ରର ତ୍ରିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଉପନିର୍ଦ୍ଦେଶକ ଡ. ସନତ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଓୟୁଏଟି କୁଳପତିଙ୍କ ପ୍ରତିନିଧି ଭାବେ ପ୍ରଫେସର ଅଶୋକ କୁମାର ମିଶ୍ର ଯୋଗ ଦେଇଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ନାରାୟଣ ବାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଆଇସିଏଆର, ଅଟାରୀ କଲିକତାର ଡ. ଏସ. କେ. ମଣ୍ଡଳ ଓ ଭୁବନେଶ୍ୱରର କେନ୍ଦ୍ରୀୟ ଉଦ୍ୟାନ ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଆଚାର୍ଯ୍ୟ ଯୋଗଦେଇ ମତାମତ ରଖିବା ସହ ବିଗତ ଦିନରେ କଣ କାର୍ଯ୍ୟଖସଡ଼ା ଥିଲା ଓ ଆସନ୍ତା ବର୍ଷର କାର୍ଯ୍ୟଖସଡା କଣ ହେବ ଆଲୋଚନା କରିଥିଲେ। ସହକାରୀ ବନ ସଂରକ୍ଷକ ଶ୍ୱେତାଲିନା ସାହୁଙ୍କ ସମେତ କୃଷି, ଉଦ୍ୟାନ ପଶୁପାଳନ ଓ ମତ୍ସ୍ୟସମ୍ପଦ ବିଭାଗର ପଦାଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିବା ବେଳେ କୃଷିବିଜ୍ଞାନ କେନ୍ଦ୍ରର ସହଯୋଗରେ କିପରି ଚାଷର ଉନ୍ନତି ହୋଇପାରିବ କହିଥିଲେ। ଜିଲ୍ଲାର କିଛି ଅଗ୍ରଣୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ଓ କୃଷକ ଉତ୍ପାଦକ ଯୋଗଦେଇ ଗଠନମୂଳକ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲାରେ କୃଷି, ଆନୁସାଙ୍ଗିକ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ଆଗକୁ କିପରି ସଫଳ ରୁପାୟନ ଦିଆଯାଇପାରିବ ସେ ନେଇ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲାରେ କୃଷିକ୍ଷେତ୍ରରେ ଚାଷୀଙ୍କର ମୁଖ୍ୟ ସମସ୍ୟା ଓ ତାର ସମାଧାନମୂଳକ ପଦକ୍ଷେପ ପତ୍ରିକା ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଆପ୍ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବୈଜ୍ଞାନିକ ସୁଜିତ କୁମାର ମୁଖି, ସନତ କୁମାର ମେହେର, ଶ୍ରୀପାଲି ପ୍ରଧାନ ଓ ସୁମିତ୍ରା ହେମ୍ବ୍ରମ ଉପସ୍ଥିତ ଥିଲେ। ଶେଷରେ ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ ସଚେତନତା କର୍ମଶାଳା




ପାରଳାଖେମୁଣ୍ଡି,୧୮।୨(ସମିସ): ଗଜପତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଅଟଳ ବାୟୋ ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ମାତାପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ ବିଷୟରେ ଏକ ସଚେତନତା କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍.ସନ୍ତୋଷ କୁମାର, ଭୁବନେଶ୍ୱର ସ୍ଥିତ ହେଲ୍ପ ଏଜ୍ ଇଣ୍ଡିଆର ରାଜ୍ୟ ପ୍ରକଳ୍ପ ସଂଯୋଜକ ଦେବଶ୍ରୀ ବ୍ରହ୍ମା, ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ବିନୋଦ ଚନ୍ଦ୍ର ଜେନା, ରାଜ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଅଶ୍ୱିନୀ କୁମାର ପାଢୀ ଓ ପାରଳାଖେମୁଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ରାମଚନ୍ଦ୍ର ପାଢୀ ମଞ୍ଚାସୀନ ଥିବାବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡରଇତ ମଞ୍ଚ ପରିଚାଳନା କରିଥିଲେ। କର୍ମଶାଳାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକ , ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପୁଲିସ କର୍ମଚାରୀ, ଆଶ୍ରା ଜରାଶ୍ରମର ଅନ୍ତେବାସୀ ଓ ବିଭିନ୍ନ ବ୍ଲକରୁ ଆସିଥିବା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀଙ୍କ କର୍ମଚାରୀ ଯୋଗ ଦେଇଥିଲେ। କର୍ମଶାଳାରେ ଶ୍ରୀବ୍ରହ୍ମା ମାତାପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ଅଧିନରେ ଥିବା ବିଭିନ୍ନ ସୁବିଧା ଗୁଡିକ ବିଷୟରେ ଜଣାଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ରାଇକିଆ,୧୮।୨(ସମିସ): ରାଇକିଆ ବ୍ଲକ ବିଜୁ ଜନତା ଦଳର ନୂତନ ବ୍ଲକ କମିଟି ଗଠନ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଜନସମ୍ପର୍କ ବୃଦ୍ଧି ପାଇଁ ବ୍ଲକ ବିଜେଡିର ଏକ କର୍ମୀ ସମ୍ମିଳନୀ ଅୟୋଜନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ବ୍ଲକ ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପ୍ରଦୀପ କୁମାର ପ୍ରଧାନ ବୈଠକ ପରିଚାଳନା କରିଥିଲେ। ବିଜେଡିର ବରିଷ୍ଠ କର୍ମୀ ସୁଶିଲ ତ୍ରିପାଠୀ, ନାଗାର୍ଜୁନ ଦିଗାଲ, ସନ୍ତୋଷ ପରିଚ୍ଛା, ଭୂଷଣ ପ୍ରଧାନ, ଅଭିମନ୍ୟୁ ନାୟକ, ତୁମେଶ୍ୱର ମଲ୍ଲିକ, ମିଥୁନ ଦିଗାଲ, ସରପଞ୍ଚ ସୁରଞ୍ଜନ ପ୍ରଧାନ, ରବି ନାୟକ, ଅକ୍ଷୟ କୁମାର ପ୍ରଧାନ, ସମିତିସଭ୍ୟ ନିରାକାର ଦିଗାଲ ଦଳୀୟ ସଂଗଠନ, ଏକତା ଓ ସମନ୍ୱୟ ରକ୍ଷା କରି ପ୍ରତି ପଞ୍ଚାୟତ କମିଟି ଗଠନ କରି ଦଳକୁ ମଜଭୁତ୍ କରିବାକୁ ମତାମତ ଦେଇଥିଲେ। ଅକ୍ଷୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କଟ୍‌ନୀଛଟ୍‌ନୀରୁ ନିସ୍ତାର ପାଉନି ଚାଷୀ



**ଅମୁନି ମଣ୍ଡି ଯନ୍ତ୍ରଣା**

ଜି.ଉଦୟଗିରି,୧୮।୨(ସମିସ): ଅମୁନି ମଣ୍ଡି ଯନ୍ତ୍ରଣା। କଟ୍‌ନୀ ଛଟ୍‌ନୀକୁ ନେଇ ବଢୁଛି ଅସନ୍ତୋଷ। ଏଫକ୍ୟୁ ମାନ ନାମରେ ମଣ୍ଡି ଓ ମିଲରଙ୍କ ମଧୁଚନ୍ଦ୍ରିକାରେ ହେଉଛି କଟ୍‌ନୀ ଛଟ୍‌ନୀ। ଏପରି ଅଭିଯୋଗ କରିଛନ୍ତି ଜି.ଉଦୟଗିରି ମଣ୍ଡି ଅଞ୍ଚଳର ଚାଷୀ। ଜି.ଉଦୟଗିରି ବ୍ଲକ ଲ୍ୟାମ୍ପ୍ସ ଓ ଲିଙ୍ଗାଗଡ ସ୍ଥିତ ଦୁଇ ମଣ୍ଡିରେ ଶନିବାର ସୁଦ୍ଧା ୧୬୧ ଜଣ ଚାଷୀ ଟୋକନ ପାଇଥିବା ବେଳେ ୧୦୮ ଜଣଙ୍କ ଠାରୁ ୪୦୬୩.୪୪ କିଣା ଯାଇଥିବା ବେଳେ, ଲିଙ୍ଗାଗଡ଼ ଲ୍ୟାମ୍ପ୍ସରେ ୯୦ ଜଣ ଟୋକନ ପାଇଥିବା ବେଳ ଆଜି ସୁଦ୍ଧା ୧୮୧୯ କ୍ୱିଣ୍ଟାଲ କିଣାଯାଇଛି। ଆମେ ଚାଷୀ, ମିଲର, ଆରଏମ୍‌ସି, ଯୋଗାଣ ଅଧିକାରୀ ଓ ମଣ୍ଡି ସୁପରଭାଇଜରଙ୍କ ଉପସ୍ଥିତରେ ଧାନ କିଣାଯାଉଛି ବୋଲି ଲ୍ୟାମ୍ପ ଅଧିକାରୀ କହୁଥିବା ବେଳେ ଚାଷୀ ଏହାକୁ ଖଣ୍ଡନ କରିଛନ୍ତି। ସରକାର ଚାଷୀ ପାଇଁ ଏମଏସ୍‌ପି ଧାର୍ଯ୍ୟ କରିଛନ୍ତି କିନ୍ତୁ ଏଫକ୍ୟୁ ମାନ ନିର୍ଦ୍ଧାରଣ ନାମରେ ହେଉଛି କଟ୍‌ନୀ ଛଟ୍‌ନୀ। ମାନ ନିର୍ଦ୍ଧାରତ ପାଇଁ ଚାଷୀଙ୍କୁ ତାଲିମ ଦିଆଯାଉ ନାହିଁ ବୋଲି ଚାଷୀ ଶାନ୍ତନୁ କୁମାର ପ୍ରଧାନ କହିଛନ୍ତି। ସେହିପରି ସରକାର ଧାର୍ଯ୍ୟ ଟଙ୍କା ଖାତାକୁ ଆସୁଛି କିନ୍ତୁ ମାନ ନିର୍ଦ୍ଧାରଣ ନାମରେ କ୍ୱିଣ୍ଟାଲ ପିଛା ୬/୭ କେଜି କଟ୍‌ନୀ ଛଟ୍‌ନୀ ହେଉଛି ବୋଲି ଚାଷୀ ସୂର୍ଯ୍ୟକାନ୍ତ ନାୟକ କହିଛନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ପ୍ଲାଷ୍ଟିକ ଓ ସୋଲ ପାଇଁ ବଢୁଛି ଆବର୍ଜନା

# ଦୋକାନୀଙ୍କୁ ସଚେତନତା; ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଫିରିଙ୍ଗିଆ,୧୮।୨(ସମିସ)

ଫିରିଙ୍ଗିଆ ବଜାର ସାରା ସୋଲ ତିଆରି ଜିନିଷ ଓ ପ୍ଲାଷ୍ଟିକ ଗ୍ଲାସ, ପଲିଥିନ ବ୍ୟବହାର ପରେ ଡ୍ରେନ ଠାରୁ ରାସ୍ତା କଡ଼ ସବୁଠି ଅଳିଆ ପକାଇ ଅପ୍ରୀତିକର ପରିବେଶ ସୃଷ୍ଟି ହେବା ସହ ମୁଖ୍ୟରାସ୍ତା କଡରେ ମଧ୍ୟ ଅଳିଆ ଆବର୍ଜନା ଭରିଯାଇଥିବାରୁ ଦୁର୍ଗନ୍ଧରେ ଫାଟି ପଡୁଛି। ପ୍ରଶାସନର ବାରମ୍ବାର ସଚେତନ ପରେ ମଧ୍ୟ ଦୋକାନୀ କିମ୍ବା ଜନସାଧାରଣ ସଚେତନ ହେଉନାହାନ୍ତି। ଏହି ପରିପେକ୍ଷୀରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ବଜାର ଦୋକାନରେ ସୋଲ ଓ ପ୍ଲାଷ୍ଟିକ ଗ୍ଲାସ ଓ ପଲିଥିନ ବିକ୍ରି ଏବଂ ବ୍ୟବହାର ନ କରି ଅଳିଆ ଆବର୍ଜନା ମୁକ୍ତ କରିବା ପାଇଁ ବ୍ଲକ ପ୍ରଶାସନ, ପୁଲିସ ଓ ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତରେ ସଚେତନ କରାଯାଉଛି। ଫିରିଙ୍ଗିଆ ବ୍ଲକ ପ୍ରଶାସନ ତରଫରୁ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ ଫିରିଙ୍ଗିଆ ବଜାରର ବାଣିଜ୍ୟ ଭଣ୍ଡାର ଛକ ଠାରୁ ଇନ୍ଦିରା ଗାନ୍ଧୀ ଛକ ଏବଂ ବ୍ଲକ ଛକ ପର୍ଯ୍ୟନ୍ତ ଥିବା ବିଭିନ୍ନ ଦୋକାନରେ ପ୍ଲାଷ୍ଟିକ ଗ୍ଲାସ, ପଲିଥିନ ଓ ସୋଲ ଦନା ପ୍ଲେଟ ବିକ୍ରି ନ କରିବାକୁ ସଚେତନ କରାଯାଇଛି। ଏହି ସବୁ ଦ୍ରବ୍ୟ ବିକ୍ରି ଏବଂ ବ୍ୟବହାର ବନ୍ଦ ନ କଲେ କିମ୍ବା ଅଳିଆ ଆବର୍ଜନା କଲେ ଦୋକାନୀ ଏବଂ ହୋଟେଲ ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ କରାଯାଇଛି। ଦୋକାନୀ ଓ ହୋଟେଲରେ ଡଷ୍ଟ ବିନ ବ୍ୟବହାର ହେଉ ନଥିବା ବେଳେ ମନଇଚ୍ଛା ରାସ୍ତାକଡ଼ ଡ୍ରେନରେ ପକା ଯାଉଥିବାରୁ ପ୍ରଦୂଷଣ ବୃଦ୍ଧି ପାଉଛି।



## ସାଇବର ସୁରକ୍ଷା ସଚେତନତା



ଦିଗପହଣ୍ଡି,୧୮ ।୨(ସମିସ): ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ସ୍ଥାନୀୟ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ଓ ବେଟି ପଢାଓ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଅନଲାଇନ୍ ନିରାପତ୍ତା ଓ ସାଇବର ଅପରାଧକୁ ରୋକିବା ନେଇ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଗୀତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଶିବିରରେ ଦିଗପହଣ୍ଡି ବ୍ଲକ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼. ସୁଚିସ୍ମିତା ଚୌଧୁରୀ, ବ୍ଲକ ସାମାଜିକ ଅଧିକାରୀ ରଶ୍ମି ପ୍ରକାଶିନୀ ଯାନୀ, ଏବିଓ ରସାନନ୍ଦ ଘଡ଼େଇ, ଜିଲା ହବ୍ ଅଧିକାରୀ ବବିତା ମହାରଣା, ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଶୁଭେନ୍ଦୁ ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟ ତଥ୍ୟ ପରିଚାଳକ ଶୁଭାଶିଷ ପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ସାଧନକର୍ମୀ ଭାବେ ଆଇନଜୀବୀ କୁରେଶୁ ପଣ୍ଡା, ଦିଗପହଣ୍ଡି ଥାନା ଏସ୍ଆଇ ରାଜ କିଶୋର ପାତ୍ର ଏବଂ ଅର୍ଥନୈତିକ କେନ୍ଦ୍ର ସାକ୍ଷରତା ଅଧିକାରୀ ସନ୍ତୋଷ କୁମାର ବାଡ଼ତ୍ୟା ଆଲୋଚକ ଭାବେ ଯୋଗଦେଇ ଉପସ୍ଥିତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ, ସ୍କୁଲ କଲେଜ ଛାତ୍ରୀ ଓ ମହିଳା ସରପଞ୍ଚ ଗୀତାଞ୍ଜଳି ଜାନି, ବି. ସନ୍ଧ୍ୟାରାଣୀ ସୁବୁଦ୍ଧି, ଗୌରୀ ବିଶୋୟୀଙ୍କ ସମେତ ଅନ୍ୟାନ୍ୟ ମହିଳା ସରପଞ୍ଚ ମାନଙ୍କୁ ଅନଲାଇନ୍ ନିରାପତ୍ତା ଏବଂ ଫେସ୍ ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟସ୍ଅପ୍, ମେଲ୍ ଜରିଆରେ ସାଇବର ଶୋଷଣ ଜନିତ ଅପରାଧକୁ କିଭଳି ପ୍ରତିହତ କରାଯାଇପାରିବ ସେନେଇ ତାଲିମ ପ୍ରଦାନ କରିଥିଲେ।

### ପାରଳାଖେମୁଣ୍ଡିରେ ଓଡ଼ିଆ ଅସ୍ମିତାକୁ ହତ୍ୟା

# ସୁଭଦ୍ରା ଶକ୍ତି ମେଳା ଅପଭ୍ରଂଶ ଲେଖାକୁ ନେଇ ଅସନ୍ତୋଷ

ପାରଳାଖେମୁଣ୍ଡି,୧୮ ।୨(ସମିସ)




ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପାରଳାଖେମୁଣ୍ଡିର ଅବଦାନ ଚିରସ୍ମରଣୀୟ। ପାରଳାଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ବିନା ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇପାରିନଥାନ୍ତା। କିନ୍ତୁ ବିଡ଼ମ୍ବନାର ବିଷୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏନ୍ତୁଡ଼ିଶାଳ ସାଜିଥିବା ପାରଳାଖେମୁଣ୍ଡିରେ ଓଡ଼ିଆ ଭାଷାର ଅସ୍ମିତାକୁ ସିଧାସଳଖ ହତ୍ୟା କରାଯାଇଥିବା ନଜରକୁ ଆସିଛି। 'ଏହାର ସମ୍ପୂର୍ଣ୍ଣ ଶ୍ରେୟ ଜିଲ୍ଲା ପ୍ରଶାସନର' ବୋଲି ଲୋକେ ତାଚ୍ଛଲ୍ୟ କରୁଛନ୍ତି।

ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହୋଇଛି। ଏହି ମେଳା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ପ୍ରଶାସନର ସଚେତନତା ଅଭାବରୁ ଚେୟାର ଖାଲି ପଡ଼ିଥିଲା। ଏଥିରେ ଲଗାଯାଇଥିବା ବ୍ୟାନରରେ ଐତିହାସିକ ସହର ପାରଳାଖେମୁଣ୍ଡି ନାମ ବଦଳରେ "ପର୍ଲେଖାମୁଣ୍ଡି' ଲେଖା ଯାଇଥିବା ଦେଖିବାକୁ ମିଳିଛି। ସାମାନ୍ୟ ଭୁଲ୍ ରହିଥିଲେ ତାହା ଅଲଗା କଥା। ହେଲେ ଏହି ଐତିହାସିକ ସହରର ନାମକୁ ସମ୍ପୂର୍ଣ୍ଣ ବିଚିତ୍ର ଓ ବିକୃତ ଭାବେ ଲେଖାଯିବାକୁ ନେଇ ସହରର ବିଭିନ୍ନ ମହଲରେ ଅସନ୍ତୋଷ କୁହୁଳୁଛି। ଏପରି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯେଉଁ ବ୍ୟକ୍ତି ବ୍ୟାନର ମୁଦ୍ରିତ ବାବଦକୁ ଦାୟିତ୍ୱରେ ରହିଛନ୍ତି ସେ ସମ୍ଭବତଃ ଆନ୍ଧ୍ରରେ ମୁଦ୍ରଣ କରିଛନ୍ତି। କାରଣ ଆନ୍ଧ୍ରରେ କମ୍ ଖର୍ଚ୍ଚରେ ବ୍ୟାନର ତିଆରି ହେଉଛି। ଯଦି ଓଡ଼ିଶା ତଥା ଜିଲ୍ଲାର ଅନ୍ୟ ସ୍ଥାନରେ ମୁଦ୍ରଣ କରିଥିଲେ ଦୋକାନୀ ଜଣକ ଅନ୍ତତଃ ସିଧାସଳଖ ଏପରି ତ୍ରୁଟିପୂର୍ଣ୍ଣ ବନାନକୁ ଜାଣିପାରିଥାନ୍ତେ। ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀ ଅର୍ଥ ଲୋଭରେ ଆନ୍ଧ୍ରରେ ଏପରି ପ୍ରସ୍ତୁତ କରିଥିବା ଆଲୋଚନା ହେଉଥିବା ବେଳେ ତ୍ରୁଟିପୂର୍ଣ୍ଣ ଲେଖାକୁ ନେଇ ଜିଲ୍ଲା ପ୍ରଶାସନ କ୍ଷମା ମାଗନ୍ତୁ ଏବଂ ଏହାକୁ ସଜାଡ଼ନ୍ତୁ ବୋଲି ଦାବି ହୋଇଛି। ଅନ୍ୟପକ୍ଷରେ ଓଡ଼ିଶାର ଏନ୍ତୁଡିଶାଳ କୁହାଯାଉଥିବା ପାରଳାଖେମୁଣ୍ଡି ତଥା ଗଜପତି ଜିଲ୍ଲାରେ ଭାଷାର ସ୍ଥିତିରେ ସୁଧାର ଆସିବା ବଦଳରେ ଅଧିକ ନିମ୍ନଗାମୀ ହୋଇଥିବା ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ଯେଉଁ ସବୁ ଅଞ୍ଚଳ ଓଡ଼ିଶା ବାହାରେ ରହିଯାଇଥିଲା ସେହି ଅଞ୍ଚଳର ଓଡ଼ିଆମାନେ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଏପରି ସ୍ଥିତିରେ ଗୋଟିଏ ପଟେ ବିଚ୍ଛିନ୍ନାଞ୍ଚଳରେ ଭାଷାକୁ ସୁରକ୍ଷା ମିଳୁଥିବା ବେଳେ ଉପାନ୍ତରେ ଭାଷାର ସ୍ଥିତି ଦୟନୀୟ ହୋଇପଡିଛି। ଏହାକୁ ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ସରକାର ଓଡିଆ ଅସ୍ମିତାର କଥା କହୁଛନ୍ତି। ହେଲେ ଉପାନ୍ତ ଅଞ୍ଚଳ ତଥା ଓଡ଼ିଶା ପ୍ରଦେଶ ଗଠନର ଏନ୍ତୁଡିଶାଳାରେ ଏପରି ଲେଖିବା ସରକାରଙ୍କ ଉଦାସୀନତାକୁ ବଖାଣୁଛି। ନାରୀ ଶସକ୍ତିକରଣ ପାଇଁ ନେଉଥିବା ପଦକ୍ଷେପ ପ୍ରଶଂସନୀୟ ହୋଇଥିବା ବେଳେ ଏପରି ଅପଭ୍ରଂଶ ଶବ୍ଦ ଲେଖିବା ଠିକ୍ ନୁହେଁ ବୋଲି ଏନେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରା ନନ୍ଦ ବେବର୍ତ୍ତା କହିଛନ୍ତି। ଏପରି ଶବ୍ଦ ମା' ମାଟି ଓ ମାତୃଭୂମୀ ପାଇଁ ଅପମାନଜନକ ଶବ୍ଦ ବୋଲି ଅନୁଭବ କରାଯାଉଥିବା ସେ କହିଛନ୍ତି।

**● ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ସଭାସ୍ଥଳ ଖାଁ ଖାଁ**

**● ଓଡ଼ିଶାରେ ମେଳା; ପୋଷ୍ଟର ତିଆରି ହେଉଛି ଆନ୍ଧ୍ରରେ!**



## ପିଏମଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ

କୋଦଳା,୧୮ ।୨(ସମିସ): କୋଦଳା ଏନଏସି ସ୍ଥିତ ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବରେ ଆବାହକ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ମାଝି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଏସିଆର ସ୍ୱର୍ଣ୍ଣ ପଦକ ବିଜେତା ବଡି ବିଲଡର ବଲାଲ ଖାନ୍ ଯୋଗଦେଇ ନିଜକୁ ପ୍ରତିଷ୍ଠା କରିବା ପାଇଁ ଇଚ୍ଛାଶକ୍ତିର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବେଗୁନିଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ସେଠୀ, ସମ୍ମାନିତ ଅତିଥି ଭାବେ କୋଦଳା ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ବନାଞ୍ଚଳ ଅଧିକାରୀ ହରପ୍ରସାଦ ସାହୁ, ଜେଲ୍ ଅଧିକ୍ଷକ ମନୋଜ କୁମାର ସୂତାର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଜେନା, ସିଆରସିସି ବିଷ୍ଣୁପ୍ରସାଦ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡି ପ୍ରମୁଖ ମଞ୍ଚାସିନ ଥିଲେ। ମଙ୍ଗଳବାର କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କୋଦଳା ତହସିଲଦାର ସସ୍ମିତା ଶତପଥୀ, ମୁଖ୍ୟବକ୍ତା ଭାବେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର ଯୋଗ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ବିଷ୍ଣୁ ପ୍ରସାଦ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡି ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ଶରତ ଚନ୍ଦ୍ର ଜାଲି ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଛାତ୍ରଛାତ୍ରୀଙ୍କ ସହ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ବରିଷ୍ଠ ନାଗରିକଙ୍କ ପାଇଁ ସପ୍ତାହଟିଏ' କାର୍ଯ୍ୟକ୍ରମ

ଧରାକୋଟ,୧୮ ।୨(ସମିସ): ମଙ୍ଗଳବାର ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ମାଣିକପୁର, ଯାହାଡା, ଜଗମୋହନ ଓ ମୁଣ୍ଡମରାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବରିଷ୍ଠ ନାଗରିକଙ୍କ ପାଇଁ ସପ୍ତାହଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମଭିକେ ଅଶୋକଙ୍କ ତତ୍ତ୍ୱାବଧାନରେ ଓ ଡାକ୍ତର ନିବେଦିତା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୩୪୬ ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଦାନ କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ତଦାରଖ ପାଇଁ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଏବିଡିଓ ସୁଶିଲ ପଟ୍ଟନାୟକଙ୍କ ସମେତ ପିଇଓ ମାନେ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଡାକ୍ତର ସଚିଦାନନ୍ଦ ବିଶୋଇ, ଡାକ୍ତର ସିଦ୍ଧାନ୍ତ ସାମଲ, ଡାକ୍ତର ପି ରୋହନ ପାତ୍ର, ଡାକ୍ତର ଅନୁପମା ମହାପାତ୍ର, ଡାକ୍ତର ଅଲେଖ ସେନାପତି ଅଂଶଗ୍ରହଣ କରିଥିବାବେଳେ ବିପିଏମ ଗୋଲକ ନାରାୟଣ ଗରିଆଗଡ଼ୁ, ଶୁଭସ୍ମିତା ସାବତ, ପ୍ରଭାକର ଶତପଥୀ, ସନାତନ ପାଢ଼ୀ, ଆଶୁତୋଷ ସାହୁ, ସଞ୍ଜୟ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ୧୩୬ ବିଏସ୍ଏଫ୍ ବାଟାଲିୟନର ଜନହିତକାର କାର୍ଯ୍ୟକ୍ରମ



ବାଲିଗୁଡ଼ା,୧୮ ।୨(ସମିସ): ବାଲିଗୁଡ଼ା ଥାନା ଖମଣଖୋଲରେ ଥିବା ୧୩୬ ବିଏସ୍ଏଫ୍ ବାଟାଲିୟନ କ୍ୟାମ୍ପରେ ଏକ ଜନ ହିତକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବା ଉଦ୍ଦେଶ୍ୟ ହେଉଛି ସାଧାରଣ ଜନତାଙ୍କ ସହିତ ସୀମା ସୁରକ୍ଷା ବାହିନୀର ସୁସମ୍ପର୍କ ପ୍ରତିଷ୍ଠା କରିବା। ଏହି କାର୍ଯ୍ୟକ୍ରମରେ ଖମଣଖୋଲ ଓ ଲଣ୍ଡାଗାଁ ପଞ୍ଚାୟତର ଗରିବ ସୀମାରେଖା ତଳେ ଥିବା ଲୋକଙ୍କୁ ଚିହ୍ନଟ କରି ବାସନ, କମ୍ବଳ, ମଶାରି ଓ କିଛି ଘରୋଇ ଉପକରଣ ପ୍ରଦାନ କରାଯାଇଥିଲା। ତା ସହିତ ଆଖପାଖରେ ଥିବା ବିଦ୍ୟାଳୟ ଓ ଯୁବକ ସଙ୍ଘକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଦୁଇ ପଞ୍ଚାୟତରୁ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ଘରୋଇ ଉପକରଣ ବାଟାଲିୟନ ପକ୍ଷରୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୩୬ ବିଏସଏଫ୍ ବାଟାଲିୟନର କମାଣ୍ଡାଣ୍ଟ ସତପାଲ ସିଂ, କେ.କେ.ଦାସ, ପ୍ରିଜି ଆର ଉପସ୍ଥିତ ଥିବା ବେଳେ, ଖମଣଖୋଲ ସରପଞ୍ଚ ଚନ୍ଦୁଲାଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲଣ୍ଡାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ, ସମାଜସେବୀ ଅଭିରାମ ରଣା , ଖମଣଖୋଲ ସ୍ୱାସ୍ଥ୍ୟକର୍ମୀ ମୀନରମ୍ଭା ପ୍ରଧାନଙ୍କ ସମେତ ପାଖାପାଖି ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ଲୋଚାପଡ଼ାରେ ଦୁର୍ବୃତ୍ତଙ୍କ ଆତଙ୍କରାଜ
## ବିଲ୍ଡରଙ୍କୁ ବନ୍ଧୁକ ଦେଖାଇ ଧମକ

ବ୍ରହ୍ମପୁର,୧୮ ।୨(ସମିସ): ଜଣେ ବିଲ୍ଡରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ଅଫିସ ଭଙ୍ଗାରୁଜା ହୋଇଛି। ବୁଧବାର ରାତି ପ୍ରାୟ ୯ଟା ବେଳେ ୨୦ ଜଣ ଯୁବକ ଲୋଚପଡ଼ାରେ ଥିବା ଗଙ୍ଗା ପାତ୍ର ଓ ତାଙ୍କ ଭାଇ ଧନୁ ପାତ୍ରଙ୍କ ବିଲ୍ଡର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ଆତଙ୍କରାଜ ଖେଳାଇଥିଲେ। କୌଣସି କାରଣକୁ କେନ୍ଦ୍ରକରି ଅପରାଧୀ ଗୋଷ୍ଠୀ ବିଲ୍ଡର ଗଙ୍ଗାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଖବର ପାଇ ନିମଖଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଗଙ୍ଗାଙ୍କ ବୟାନ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ବ୍ଲକିଂ କରୁଛି। କୌଣସି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପୁଲିସ ଅନୁମାନ କରୁଛି। ସେହିପରି ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ ସହ ଅଞ୍ଚଳର କିଛି ଯୁବକଙ୍କୁ ପଚରାଉଚରା କରୁଛି।

## ମର୍ଦ୍ଦରାଜ ହାଇସ୍କୁଲରେ ବ୍ୟାଗଲେସ୍ ଡେ' ପାଳିତ




କବିସୂର୍ଯ୍ୟନଗର,୧୮ ।୨(ସମିସ): ପିଏମଶ୍ରୀ ଶ୍ରୀମର୍ଦ୍ଦରାଜ ହାଇସ୍କୁଲ ବ୍ୟାଗଲେସ୍ ଡେ' ପାଳନ ଅବସରରେ ପାଠ ବହି ପଢା ଛାଡି ପିଲାମାନେ ବୁଲିବାକୁ ବାହାରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ ପିଲାମାନେ ନିକଟ ଐତିହାସିକ ସ୍ଥାନ ଜଉଗଡ଼ ଦୁର୍ଗ ବୁଲିବାକୁ ଯାଇଥିଲେ। ଚଣ୍ଡାଶୋକରୁ ରାଜା ଅଶୋକ ଧର୍ମାଶୋକକୁ କିପରି ପରିବର୍ତ୍ତିତ ହୋଇଥିଲେ ଓ ତାଙ୍କର ବିରାଟ ଶିଳାଲିପିରେ ଲିଖିତ ପାଲିଭାଷାର ଅର୍ଥ ପ୍ରଧାନ ଶିକ୍ଷୟିତ୍ରୀ ପିଲାଙ୍କୁ ବୁଝାଇଥିଲେ। ଏହାପରେ କାଳେଶ୍ୱର ଖରିଡ଼ା ସ୍ଥିତ ଉଦ୍ୟାନ ବୁଲି ଦେଖିଥିଲେ। ଉକ୍ତ ଭ୍ରମଣରେ ଐତିହାସିକ କୀର୍ତ୍ତି ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି ପିଲାମାନେ ଭାରମୁକ୍ତ ସମୟକୁ ସୁନ୍ଦରଭାବେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ମାର୍କଣ୍ଡ ନାହାକ, ସହାୟକ ଶିକ୍ଷକ ଦୁତିକୃଷ୍ଣ ସେଠି, ଶିକ୍ଷୟିତ୍ରୀ ପିଙ୍କି ସାହୁ, ରାନୀ ସାହୁ, ଆରତୀ କୁମାରୀ ଜେନା ସହଯୋଗ କରିଥିଲେ।

## ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ



ରମ୍ଭା,୧୮ ।୨(ସମିସ): ଛତ୍ରପୁର ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଠନ ରତ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକ ଶୈକ୍ଷିକ ପରିଭ୍ରମଣ ପରିପ୍ରେକ୍ଷୀରେ ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଶିଳ୍ପ କାରିଗରୀ କଳା ସଂସ୍କୃତି ସମ୍ପନ୍ନ ଗ୍ରାମ ଡିମିରିଆକୁ ଆସି ବହୁ ଉପାଦେୟ ତଥ୍ୟ ସୂଚନା ଲାଭ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ପଲେଇ, ସହକାରୀ ଶିକ୍ଷୟିତ୍ରୀ ରୋଜା ସାହୁ, ମୋନାଲିସା ପଣ୍ଡାଙ୍କ ସହିତ ଭ୍ରମଣରେ ଆସି ଡିମିରିଆ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରୁ କନକା କ୍ଲଷ୍ଟର ସିଆରସିସି ଡକ୍ଟର ଦ୍ୱାରିକାନାଥ ମହାରଣା, ଶିକ୍ଷାବିତ୍ କେଦାରନାଥ ସାହୁଙ୍କ ସହଯୋଗରେ ମାଟିରେ ଗଢ଼ା ହେଉଥିବା ହାଣ୍ଡି, ମାଠିଆ, କଳସୀ, ସରା, ଦୀପ, ଫୁଲଦାନୀ, ଧୂପଦାନୀ ସହିତ ଟେରାକୋଟା ଶିଳ୍ପ ଆଦି ଗଢ଼ା ହେଉଥିବା ଦେଖିଥିଲେ। ଏତଦ୍ବ୍ୟତୀତ ଜାତୀୟ ରାଜପଥ-୧୬ ସାନଘାଟି ଅଞ୍ଚଳସ୍ଥ ବରିଷ୍ଠ ଆଇନଜୀବୀ ମାଗୁଣି ଚରଣ ପଲେଇଙ୍କ ସୁବିସ୍ତୃତ ଫାର୍ମ ହାଉସ ପରିଭ୍ରମଣ କରିଥିଲେ।

## ବୁଗୁଡ଼ା ବ୍ଲକ ଠିକାଦାର ସଂଘ ଗଠିତ



ବୁଗୁଡା,୧୮ ।୨(ସମିସ): ସ୍ଥାନୀୟ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ବୁଗୁଡା ବ୍ଲକର ଠିକାଦାରମାନଙ୍କୁ ନେଇ ବୟୋଜ୍ୟେଷ୍ଠ ଠିକାଦାର ଗୌର ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଗଙ୍ଗାଧର ସ୍ୱାମୀ ଠିକାଦାର ସଂଘ ଗଠିତ ହୋଇଯାଇଛି। ସଭାପତି ଭାବେ ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ଭାବେ ରାହୁଲ ବିଷୋୟୀ, କୋଷାଧକ୍ଷ ଭାବେ ସୁଜନ କୁମାର ଦାଶ ଏବଂ କାର୍ଯ୍ୟକାରୀ କମିଟିକୁ ବବୁଲ ନାୟକ, ସୁନୀଲ କୁମାର ପାଢି, ନୀଳାଞ୍ଚଳ ପଣ୍ଡା, ବିଚିତ୍ର ବରାଡ, ଦିଲ୍ଲୀପ ତ୍ରିପାଠୀ, ରାଜାରାମ ନାୟକ, ରମଣ ନାହାକ, ଆଶିଷ ମିଶ୍ର , ଅମରେନ୍ଦ୍ର ସେନାପତି ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏ ଅବସରରେ ବୁଗୁଡା ଅଞ୍ଚଳର ସମସ୍ତ ସରକାରୀ ଟେଣ୍ଡର କାର୍ଯ୍ୟ ପାଇଁ କେବଳ ବୁଗୁଡା ବ୍ଲକର ଠିକାଦାରମାନଙ୍କୁ ହିଁ ସୁଯୋଗ ଦିଆଯିବ ଏବଂ ଟେଣ୍ଡର ଗୁଡିକୁ ଲେସ୍ ରେଟରେ ନପକାଇ ସିଡ୍ୟୁଲ୍ ରେଟରେ ପକାଇବା ନେଇ ସ୍ଥିର କରାଯାଇଥିଲା। ଠିକାଦାର ରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ

ରମ୍ଭା,୧୮ ।୨(ସମିସ): ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ରଘୁନାଥପୁରରେ ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ ପିତୃ ମାତୃ ପୂଜନ ସମାରୋହ ଉପରେ ଏକ ମାର୍ଗ ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସଭାପତିତ୍ୱ କରିଥିଲେ। ବକ୍ତା ତଥା ଏମ.ଡି ଛାତ୍ରଛାତ୍ରୀଙ୍କୁ ଆଜିର ଦିବସରେ ପିତାମାତାଙ୍କୁ କାହିଁକି ପୂଜା କରିବା ଆବଶ୍ୟକ, ଭାରତ ସଂସ୍କୃତିରେ ଏହାର ଉପାଦେୟତା କଣ ରହିଛି ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ତତ୍‌ସହିତ ଆଜିର ଛାତ୍ର କାଲି ଭାରତର ନାଗରିକ ଉପରେ ଉଲ୍ଲେଖ କରିଥିଲେ। ଶିକ୍ଷାନୁଷ୍ଠାନର ଗୁରୁଜୀ / ଗୁରୁମା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା କର୍ମଶାଳା




ଛତ୍ରପୁର, ୧୮ ।୨(ସମିସ): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କ୍ରମେ ଚଳିତବର୍ଷ ଗଂଜାମ ଜିଲ୍ଲାରେ ତୀବ୍ର ଗ୍ରୀଷ୍ମ ପ୍ରବାହ ପରିଲିକ୍ଷିତ ହେବା ଆଶଙ୍କା ରହିଛି। ତେଣୁ ଅଂଶୁଘାତ ପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। ସେଥିପାଇଁ ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଏକ ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳାରେ ସେ ପରାମର୍ଶ ଦେଇଛନ୍ତି। ଗଲାବର୍ଷ ଜିଲ୍ଲାରେ ତିନୋଟି ଅଂଶୁଘାତ ଜନିତ ମୃତ୍ୟୁ ନେଇ ଅଭିଯୋଗ ଆସିଥିଲା ସେଥିରୁ ଖଲ୍ଲିକୋଟ ତହସିଲ ରାଣୀପଡ଼ା ଗ୍ରାମର ସୁର ପ୍ରଧାନଙ୍କ ମୃତ୍ୟୁ କେବଳ ଅଂଶୁଘାତ କାରଣରୁ ହୋଇଥିଲା। ବାକି ଦୁଇଟି ଅଭିଯୋଗକୁ ରଦ୍ଦ କରାଯାଇଥିଲା। ଗ୍ରୀଷ୍ମ ଋତୁରେ ପାନୀୟ ଜଳକଷ୍ଟ ଠାରୁ ଆଉ ବଡ଼ କଷ୍ଟ ନାହିଁ ତେଣୁ ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି, ସମସ୍ତ ବ୍ଲକରେ ଆବଶ୍ୟକତା ଅନୁଯାୟୀ ଚଳିତ ମାସ ଶେଷ ସୁଦ୍ଧା ପାନୀୟ ଜଳ ବଣ୍ଟନକାରୀ ମୋବାଇଲ ଭ୍ୟାନ ଯୋଗାଇବା, ଭଞ୍ଜନଗର, ସୁନାପୁର ଓ ଅନ୍ୟାନ୍ୟ ଜଳକ୍ଳିଷ୍ଟ ଅଂଚଳର ପାନୀୟ ଜଳ ସମସ୍ୟାକୁ ପ୍ରାଥମିକତା, ନିରବଚ୍ଛିନ୍ନ ବିଦ୍ୟୁତ ପ୍ରବାହ, ବ୍ୟାପକ ସୁବ୍ୟବସ୍ଥିତ ଜଳଛତ୍ର, ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଅସହାୟ ଲୋକଙ୍କ ପାଇଁ ଦିବସ ଆଶ୍ରୟ କେନ୍ଦ୍ର, ଜିଲ୍ଲା ଓ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବ୍ୟବଧାନରେ ପାନୀୟ ଜଳ ପିଇବାକୁ ମାର୍ଗଦର୍ଶନ, ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ବିଦ୍ୟୁତ ପ୍ରବାହ ଭଳି ବିଭିନ୍ନ ବିଷୟରେ ଯତ୍ନଶୀଳ ହେବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଜୟ କୁମାର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ଆପାତକାଳୀନ ଅଧିକାରୀ ସୁନୀଲ ସାଇ ଦେବାଶିଷ, ଡ଼ିପିଓ ଦେବେନ୍ଦ୍ର ନାୟକ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପରିବହନ, ଶ୍ରମ, ଶିକ୍ଷା, ସମାଜ ମଙ୍ଗଳ ଆଦି ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିଶ୍ୱକର୍ମା ମହାସଂଘ ତରଫରୁ ସହାୟତା

ଛତ୍ରପୁର,୧୮ ।୨(ସମିସ): ଖଲ୍ଲିକୋଟ ବ୍ଲକ କହ୍ନେଇପୁର ପଞ୍ଚାୟତ ମହେଶ୍ୱରପୁର ଗ୍ରାମର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ଜାଗି ମହାରଣାଙ୍କ ଏକ ମାତ୍ର ଝିଅ ରଶ୍ମିଙ୍କ ବିବାହ ପାଇଁ ଆର୍ଥିକ ସହାୟତା ଦିଆଯାଇଛି। କହ୍ନେଇପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ଉଦ୍ୟମ ଓ ସହଯୋଗ କ୍ରମେ ଆସନ୍ତା ୧୯ ତାରିଖରେ ନିକଟସ୍ଥ ଗୋପପୁର ଗ୍ରାମର ଝଡ଼ିଆ ମହାରଣାଙ୍କ ପୁତ୍ର ବିଚିତ୍ର ସହ ବିବାହ କାର୍ଯ୍ୟ ସମ୍ପନ୍ନ ହେବ। ବୁଧବାର ନିର୍ବନ୍ଧ ହୋଇଥିବାବେଳେ ଶ୍ରୀ ସାହୁ ମୁଖ୍ୟକର୍ତ୍ତା ରୂପେ ସମସ୍ତ ବିଶ୍ୱକର୍ମା ଭାଇମାନଙ୍କୁ କିଛି ଆର୍ଥିକ ସହଯୋଗ ପାଇଁ ବିଶ୍ୱକର୍ମା ମହାସଂଘ ଜରିଆରେ ନିବେଦନ କରିଥିଲେ। ବିଶ୍ୱକର୍ମା ମହାସଂଘ, ଅବିଭକ୍ତ ଗଞ୍ଜାମ ତରଫରୁ ସଭ୍ୟମାନଙ୍କ ଠାରୁ ଅନୁଦାନ ସଂଗ୍ରହ କରାଯାଇ ମହାସଙ୍ଘର ସଭାପତି କାମରାଜୁ ମହାରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବନ୍ଧ କାର୍ଯ୍ୟକ୍ରମରେ ଯୋଗଦେଇ କନ୍ୟାର ବିବାହ କାର୍ଯ୍ୟ ପାଇଁ ୩୬ ହଜାର ଟଙ୍କା ସହାୟତା ଦେଇ କନ୍ୟାକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ବରିଷ୍ଠ ସଦସ୍ୟ କୋରା ମହାରଣା, ସମ୍ପାଦକ ଶ୍ରୀନିବାସ ମହାରଣା, କୋଷାଧକ୍ଷ ଅଶୋକ କୁମାର ମହାରଣା ଯୋଗ ଦେଇ ମହାସଙ୍ଘର କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ଉପରେ ଉପସ୍ଥିତ ବିଶ୍ୱକର୍ମା ଭାଇମାନଙ୍କୁ ଅବଗତ କରାଇଥିଲେ। ନିର୍ବନ୍ଧ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ସାହୁଙ୍କ ସମେତ ଖଲ୍ଲିକୋଟ ତହସିଲଦାର, ଦାମୋଦର ମହାରଣାଙ୍କ ସହ ଅନ୍ୟାନ୍ୟ କୁଳ ଭାଇ ଯୋଗ ଦେଇ ସହଯୋଗ କରିଥିଲେ।







## ବିଶ୍ୱର ସବୁଠୁ ସୁରକ୍ଷିତ ବିହନ ଭଣ୍ଡାର

ବିଶ୍ୱର ସବୁଠୁ ଥଣ୍ଡା ସ୍ଥାନ କୁହାଯାଉଥିବା ନରୱେର ଆର୍କଟିକ୍ ଅଞ୍ଚଳରେ ଏକ ବିଶାଳକାୟ ବିହନ ଭଣ୍ଡାର ନିର୍ମାଣ କରାଯାଇଛି । ଏହା 'ଡୁମ୍ସଡେ ଭଲ୍ଟ' ଭାବେ ମଧ୍ୟ ପରିଚିତ । ଏହାର ପ୍ରକୃତ ନାମ 'ସ୍ୱାଲବାର୍ଡ ଗ୍ଲୋବାଲ ସିଡ୍ ଭଲ୍ଟ' । ୨୦୦୮ ମସିହାରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ସାରା ବିଶ୍ୱର ୧୨ ଲକ୍ଷରୁ ଅଧିକ ଫସଲର ବିହନକୁ ସଂରକ୍ଷିତ କରି ରଖାଯାଇଛି । ଯଦି କେବେ ପୃଥିବୀରେ ଯୁଦ୍ଧ, ପରମାଣୁ ଆକ୍ରମଣ, ମହାମାରୀ କିମ୍ବା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷବାସ ଲୋପ ପାଇଯାଏ ତେବେ ଏଠାରୁ ବିହନ ଆଣି ପୁଣି ଚାଷବାସ କରାଯାଇ ପାରିବ । ଏହା ମାନବ ନିର୍ମିତ ଏକ ସ୍ୱତନ୍ତ୍ର ଧରଣର ସୁଡ଼ଙ୍ଗ ଯାହାକି ଆର୍କଟିକ୍‌ର ଏକ ବରଫାବୃତ୍ତ ପାହାଡ଼ ମଧ୍ୟରେ ରହିଛି । ଏଠାରେ ତାପମାତ୍ରା ବିଯୁକ୍ତ ୧୮ ଡିଗ୍ରୀ ସେଲସିୟସ୍ ରହିଥାଏ । ଏହାଦ୍ୱାରା ବିହନକୁ ବିନା ଶୀତଳ ଭଣ୍ଡାରରେ ପ୍ରାକୃତିକ ଭାବେ ଶହ ଶହ ବର୍ଷ ଧରି ସଂରକ୍ଷିତ କରାଯାଇ ପାରିବ । ଏଠାରେ ବିଶ୍ୱର ସମସ୍ତ ଦେଶ ନିଜର ଗୁରୁତ୍ୱପୂର୍ଣ୍ଣ ଫସଲଗୁଡ଼ିକର ବିହନ ସଂରକ୍ଷିତ କରି ରଖିଛନ୍ତି । ଏହି ସ୍ଥାନଟି ସମୁଦ୍ରଠାରୁ ବହୁ ଉଚ୍ଚରେ ମୋଟା ପଥର ମଧ୍ୟରେ ତିଆରି ହୋଇଥିବାରୁ ଏହା ଉପରେ କୌଣସି ପ୍ରାକୃତିକ କିମ୍ବା ମାନବୀୟ ବିପର୍ଯ୍ୟୟର ପ୍ରଭାବ ପଡ଼ିବ ନାହିଁ । ଏହା କେବଳ ଏକ ଗୋଦାମ ନୁହେଁ ଆଗାମୀ ପିଢ଼ି ବଞ୍ଚି ରହିବା ପାଇଁ ଏକ ସୁରକ୍ଷିତ ବିକଳ୍ପ । ୧୦୦ରୁ ଊର୍ଦ୍ଧ୍ୱ ଦେଶ ଏଠାରେ ବିହନ ରଖିଛନ୍ତି । ସବୁଠୁ ଅଧିକ ବିହନ ଭାରତର ରହିଛି । ଏଠାରେ ସଂରକ୍ଷିତ କରି ରଖାଯାଇଥିବା ସମୁଦାୟ ବିହନର ୧୫% ଭାରତର ରହିଛି । ଏହି ବ୍ୟାଙ୍କକୁ ନରୱେ ସରକାର, କ୍ରପ୍ ଟ୍ରଷ୍ଟ ଏବଂ ନର୍ଡିକ ଜେନେଟିକ୍ ରିସୋର୍ସ ସେଣ୍ଟର ମିଳିତ ଭାବରେ ପରିଚାଳିତ କରନ୍ତି । 'ସ୍ୱାଲବାର୍ଡ ସିଡ୍ ଭଲ୍ଟ'ର ଚାରିପଟେ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲାଗିଛି । ଏଠାରେ ରଖାଯାଉଥିବା ବିହନକୁ ସ୍ୱତନ୍ତ୍ର ଭାବେ ପ୍ୟାକ୍ କରି ଷ୍ଟିଲ୍ କଣ୍ଟେନର୍‌ରେ ରଖାଯାଏ । ପ୍ରତି କଣ୍ଟେନର୍ ଉପରେ ବିହନର କିସମ , ଦେଶର ନାମ ଲେଖାଯାଇଥାଏ । ଏଠାରେ ରଖାଯାଇଥିବା ବିହନଗୁଡ଼ିକ ଅତିକମ୍‌ରେ ୧୦୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ ।

## ଆଜିର ଇତିହାସ

- ୧୮୯୧- ଅମ୍ରିତ ବଜାର ପତ୍ରିକାର ଦୈନିକ ପ୍ରକାଶନ ଆରମ୍ଭ ହେଲା ।
- ୧୯୧୫- ଗୋପାଳ କୃଷ୍ଣ ଗୋଖଲେଙ୍କ ଦେହାନ୍ତ ।
- ୧୯୮୬- ଦେଶରେ ପ୍ରଥମ କରି କମ୍ପ୍ୟୁଟରୀକୃତ ରେଳ ଆରକ୍ଷଣ ଟିକେଟର ଆରମ୍ଭ ହେଲା ।
- ୧୯୯୩- ହାଇତି ନିକଟରେ ୧୫୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡ଼ି ଯାଇଥିଲା ।

## ଟିୟର୍ ଷ୍ଟିକ୍



ଫିଲ୍ମ ତଥା ସିରିଏଲଗୁଡ଼ିକରେ କୌଣସି ସିନ୍‌କୁ ନେଇ କଳାକାରମାନେ କାନ୍ଦୁଥିବାର ଦେଖି ଅନେକ ସମୟରେ ଦର୍ଶକେ ଆଚମ୍ବିତ ହୋଇଥାନ୍ତି । ନିକଟରେ ନିର୍ଦ୍ଦେଶକ ଅମିତ କୁମାର ଝା, ଏକ ଛୋଟ ଭିଡିଓ ସେୟାର କରିଛନ୍ତି । ଏଥିରେ ଭାବପ୍ରବଣତା ଦୃଶ୍ୟରେ କଳାକାରମାନେ ଟିୟର ଷ୍ଟିକ୍ ବ୍ୟବହାର କରୁଥିବାର ସେ ଦେଖାଇଛନ୍ତି । ଟିୟର୍ ଷ୍ଟିକ୍ ଦେଖିବାକୁ ଧଳା ଲିପ୍‌ଷ୍ଟିକ୍ ଭଳି ହୋଇଥାଏ । ଏହା ଆଖିରୁ ଲୁହ ବାହାର କରିବାରେ ସହାୟକ ହୋଇଥାଏ । ଭିଡିଓରେ ଅଭିନେତ୍ରୀ ଅନୁରିମା ଚକ୍ରବର୍ତ୍ତୀ ଆଖିତଳେ ଟିୟର୍ ଷ୍ଟିକ୍ ଲଗାଉଥିବାର ଦେଖିବାକୁ ମିଳିଛି । ନିର୍ଦ୍ଦେଶକ ତାଙ୍କୁ ମଜାକିଆ ଅନ୍ଦାଜରେ ଆଖିତଳେ ଧଳା ଲିପଷ୍ଟିକ୍ କାହିଁକି ଲଗାଉଛ ବୋଲି ପଚାରିଥିଲେ । ଏହାର ଉତ୍ତରରେ ଅନୁରିମା ଏହା ଲିପ୍‌ଷ୍ଟିକ୍ ନୁହେଁ ଟିୟର୍ ଷ୍ଟିକ୍ ବୋଲି କହିଥିଲେ । ଏହି ଛୋଟିଆ ଜିନିଷଟି କଳାକାରଙ୍କୁ ତୁରନ୍ତ କାନ୍ଦିବାରେ ସହାୟକ ହୋଇଥାଏ । ଏହା ସିନ୍‌କୁ ଅଧିକ ବାସ୍ତବ କରିଦିଏ ବୋଲି ସେ କହିଥିଲେ । ପୂର୍ବରୁ କଳାକାରମାନେ ଆଖିରେ ଗ୍ଲିସେରିନ୍ ଲଗାଇ କାନ୍ଦୁଥିଲେ । ଏଥିଯୋଗୁଁ ଆଖିରେ ଜଳାପୋଡ଼ା ସମସ୍ୟା ହେଉଥିଲା । ହେଲେ ଟିୟର୍ ଷ୍ଟିକ୍ ଗ୍ଲିସେରିନ୍ ଅପେକ୍ଷା ଏକ ସୁରକ୍ଷିତ ବିକଳ୍ପ । ଏଥିରେ ବିନା ଯନ୍ତ୍ରଣାରେ ଆଖିରୁ ଲୁହ ବାହାରିଥାଏ । ଷ୍ଟାର୍ ପ୍ଲସ୍ ଅଭିନେତା ଆଶିଷ ରାଘବଙ୍କ କହିବାନୁଯାୟୀ 'ଟିୟର୍ ଷ୍ଟିକ୍ ମେନ୍ଥଲ ଯୁକ୍ତ ମହମରୁ ପ୍ରସ୍ତୁତ ହୋଇଥାଏ । ଏହା ତ୍ୱଚାର ଉଷ୍ମତା ସଂସ୍ପର୍ଶରେ ଆସିଲେ, ସେଥିରୁ ବାଷ୍ପ ବାହାରିଥାଏ । ଏହା ଆଖିରେ ପହଞ୍ଚି ହାଲୁକା ଥଣ୍ଡା ଏବଂ ଜଳିବା ଆରମ୍ଭ କରିଥାଏ । ଏପରି ସମୟରେ ଲୁହ ଆପେ ଆପେ ବାହାରିଥାଏ ।' ଏହି ଭିଡିଓ ଭାଇରାଲ ହେବା ପରେ ଅନେକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, ପରଦା ପଛର ସତ୍ୟତା ଜାଣି ମଜା ଆସିଗଲା ।

## ୩୯ କୋଟିର ଶାଢ଼ି

ମୁମ୍ବାଇରେ ତିଆରି ହୋଇଥିବା ଏକ ଶାଢ଼ି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହାର ଦାମ୍ ପ୍ରାୟ ୩୯ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଏହି ଶାଢ଼ିରେ ପାଖାପାଖି ୨ କିଲୋ ସୁନା ଏବଂ ୩୬ କୋଟି ଟଙ୍କାର ହୀରା ଖଚିତ ହୋଇଛି । ସେହିପରି ଲୋକପ୍ରିୟ ଫେଶନ ଡିଜାଇନର ରୋହିତ ପିସାଲ ଏହାକୁ ତିଆରି କରିଛନ୍ତି । ରୋହିତ ଗୋଲ୍ଡମ୍ୟାନ୍ ନାଁରେ ପରିଚିତ । ତେବେ ସେ ଏହି ଶାଢ଼ିଟିକୁ ମାତା ରମାବାଈ ଆମ୍ବେଦକର ଜୟନ୍ତୀରେ ସମର୍ପିତ କରିଛନ୍ତି । ଏନେଇ ରୋହିତ୍‌ଙ୍କ କହିବା କଥା, ଏହି ଶାଢ଼ିକୁ ତିଆରି କରିବାକୁ ତିନି ମାସ ଲାଗିଛି । ଏକ ସ୍ୱତନ୍ତ୍ର ଧରଣର କପଡ଼ା ଉପରେ ସୁନା ପରତ ଚଢ଼ାଇବା ଲାଗି ଏକ ସ୍ୱତନ୍ତ୍ର ଟେକ୍ନିକ୍ ଏବଂ ରସାୟନର ବ୍ୟବହାର କରାଯାଇଛି । ଶାଢ଼ିରେ ମାତା ରମାବାଈଙ୍କ ଚିତ୍ର ବି କରାଯାଇଛି । ଏହି ଚିତ୍ର ପାଖରେ ହିଁ ସୁନା ପରତକୁ ସୁନ୍ଦର ଭାବେ ଲଗାଯାଇଛି । ତେବେ ରମାବାଈଙ୍କ ବିନ୍ଦିକୁ ୧୦୦ ଗ୍ରାମ୍ ସୁନାରେ ତିଆରି କରାଯାଇଛି ଏବଂ ଏଥିରେ ୩୩ କୋଟି ଟଙ୍କାର ହୀରା ଖଞ୍ଜା ଯାଇଛି । ଏଥିରେ ରୁଦ୍ର, ପ୍ରଜାପତି, ବାସୁ, ଆଦିତ୍ୟ ଭଳି ଅଲଗା ଅଲଗା ପ୍ରକାର ହୀରା ସାମିଲ ଅଛି ।' ଏହି ୩୯ କୋଟିର ଶାଢ଼ିର ନିଲାମ ଦୁବାଇରେ ହେବ ବୋଲି କୁହାଯାଉଛି । ସେହିପରି ନିଲାମରୁ ଯେଉଁ ଟଙ୍କା ମିଳିବ, ତାହାକୁ ସାମାଜିକ କାର୍ଯ୍ୟ, ହସ୍‌ପିଟାଲ ଏବଂ ସ୍କୁଲ ନିର୍ମାଣରେ ଖର୍ଚ୍ଚ କରାଯିବା ଯୋଜନା ଅଛି । ଅନ୍ୟପଟେ ଏହି ଶାଢ଼ି କେବଳ ମହଙ୍ଗା ନୁହେଁ, ବରଂ ଏହାକୁ ଭାବନାତ୍ମକ ସମର୍ପଣ ଏବଂ କଳାର ଏକ ଅନନ୍ୟ ଉଦାହରଣ ବୋଲି କୁହାଯାଉଛି ।



## କର୍ମଚାରୀଙ୍କୁ ସୁନା ଉପହାର

ସୁନା ଦର ଏବେ ଆକାଶଛୁଆଁ ହୋଇଥିବା ବେଳେ ଏକ କମ୍ପାନି ତା'ର କର୍ମଚାରୀଙ୍କୁ ସୁନା ଉପହାର ପ୍ରଦାନ କରିବା ଘଟଣା ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ସିଙ୍ଗାପୁରର ଟାଙ୍ଗ ଟେଙ୍ଗ ହୋଲଡିଙ୍ଗସ୍ କମ୍ପାନି ନିକଟରେ ତା'ର କେତେକ ସଚ୍ଚୋଟ କର୍ମଚାରୀଙ୍କୁ ହିଁ ସୁନା ଉପହାର ଦେଇଛି । ଯେଉଁ କର୍ମଚାରୀମାନେ କମ୍ପାନିରେ ଦଶ ବର୍ଷରୁ ଅଧିକ ସମୟ କାମ କରିଛନ୍ତି ସେମାନେ ଏହି ସୁନା ଉପହାରର ଅଧିକାରୀ ହୋଇଛନ୍ତି । ୧୯୯୪ ମସିହାରେ ଏହି କମ୍ପାନିର ଆରମ୍ଭ ଏକ ଛୋଟ ଫୁଡ୍ ଷ୍ଟଲରୁ ହୋଇଥିଲା । ଗତ ୩୦ ବର୍ଷ ମଧ୍ୟରେ କମ୍ପାନିର ବ୍ୟବସାୟ ଅପେକ୍ଷାକୃତ ଅଧିକ ବୃଦ୍ଧି ହୋଇଛି । ଏବେ ଏହି କମ୍ପାନି ୧୬୦ ରେସ୍ତୋରାଁ ଏବଂ ୩୦ରୁ ଅଧିକ କଫି ସପ୍‌କୁ ପରିଚାଳିତ କରୁଛି । ଏହାସହ ୧୨୦୦ରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରିବାରେ ସଫଳ ହୋଇଛି । ତେବେ କର୍ମଚାରୀଙ୍କୁ କମ୍ପାନି ପକ୍ଷରୁ ଯେଉଁ ସୁନାର ମେଡାଲ୍ ଦିଆଯାଇଛି ତା'ର ଓଜନ ୨୦ ଗ୍ରାମ୍‌ରୁ ୩୦ ଗ୍ରାମ୍ ମଧ୍ୟରେ ଥିଲା । ସେହିପରି ପ୍ରତ୍ୟେକ ସୁନା ମେଡାଲର ଦାମ୍ ୩ ଲକ୍ଷରୁ ଅଧିକ ହେବ । ଉକ୍ତ କମ୍ପାନି ଉପହାରରେ ସୁନାର ମେଡାଲ ବାଣ୍ଟିବାରେ ୩.୫ କୋଟି ଟଙ୍କା ଖର୍ଚ୍ଚ କରିଛି । ତେବେ କମ୍ପାନି ତା'ର ୩୨ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀଙ୍କୁ ସୁନା ଉପହାର ଦେଇଛି । କମ୍ପାନିରେ ୧୦-୧୪ ବର୍ଷ ଧରି କାମ କରିଥିବା କର୍ମଚାରୀଙ୍କୁ ୨୦ ଗ୍ରାମ୍ ଓଜନର ସୁନା ମେଡାଲ୍ ଉପହାର ମିଳିଛି । ସେହିଭଳି ୧୫-୧୯ ବର୍ଷ ଧରି କାମ କରିଥିବା କର୍ମଚାରୀଙ୍କୁ ୨୫ ଗ୍ରାମ୍ ଓଜନର ସୁନା ମେଡାଲ ଦିଆଯାଇଥିବା ବେଳେ ୨୦ ବର୍ଷ ଧରି କାମ କରିଥିବା କର୍ମଚାରୀଙ୍କୁ ୩୦ ଗ୍ରାମ୍‌ର ସୁନା ମେଡାଲ ପ୍ରଦାନ କରାଯାଇଛି । ପ୍ରତ୍ୟେକ ମେଡାଲରେ କମ୍ପାନିର ଲୋଗୋ ଓ କର୍ମଚାରୀଙ୍କ ନାଁ ରହିଛି । ତେବେ କେବଳ କମ୍ପାନିଗୁଡ଼ିକ ଯେ ଲୋକଙ୍କ ଉପରେ ଚାପ ସୃଷ୍ଟି କରି ଚର୍ଚ୍ଚାକୁ ଆସୁଛନ୍ତି ତାହା ନୁହେଁ କେତେକ କମ୍ପାନି ଭଲ କାର୍ଯ୍ୟ କରି ମଧ୍ୟ ଲୋକଲୋଚନକୁ ଆସୁଥିବା ଏହି କଥା ପ୍ରମାଣ କରିଛି ।




## ଅନନ୍ୟ ପ୍ରେମ

### ମୃତ୍ୟୁ ପରେ ବି ସ୍ତ୍ରୀଙ୍କ ପାଇଁ ଉପହାର ପଠାଉଛନ୍ତି ସ୍ୱାମୀ!




ପ୍ରେମ ଏକ ଶାଶ୍ୱତ ଭାବନା, ଯାହା ସମୟର ସୀମା ଅତିକ୍ରମ କରି ଚିରକାଳ ବଞ୍ଚିରହେ । ଏହା ଆତ୍ମୀୟତା, ତ୍ୟାଗ ଏବଂ ଅନୁଭବର ଏକ ନିବିଡ଼ ବନ୍ଧନ, ଯାହା ଶାରୀରିକ ଅସ୍ତିତ୍ୱଠାରୁ ବହୁ ଊର୍ଦ୍ଧ୍ୱରେ । ଏମିତି ଏକ ପ୍ରେମ କାହାଣୀ କାଲିଫର୍ଣ୍ଣିଆରେ ଦେଖିବାକୁ ମିଳିଛି । କାଲିଫର୍ଣ୍ଣିଆର ଡାଏନା ମେଭରଙ୍କ ସ୍ୱାମୀ ଜନ୍ ମେଭରଙ୍କର ୨୦୧୭ ମସିହାରେ ପରଲୋକ ଘଟିଥିଲା । ହେଲେ ଜନ୍‌ଙ୍କ ମୃତ୍ୟୁକୁ ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଥିଲେ ବି ପ୍ରତିବର୍ଷ ଫେବୃୟାରୀ ୧୪ ତାରିଖ ଭାଲେଣ୍ଟାଇନ୍ ଡେ' ଅବସରରେ ଡାଏନାଙ୍କ ପାଖରେ ଏକ ସୁନ୍ଦର ଫୁଲ ତୋଡ଼ା, କାର୍ଡ ପହଞ୍ଚିଥାଏ । ଏବେ ଏହି ପ୍ରେମ କାହାଣୀ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ପିଲାଦିନେ ଜନ୍ ଏବଂ ଡାଏନା ପରସ୍ପରକୁ ଭେଟିଥିଲେ । ଏହା ପରେ ଉଭୟ ପରସ୍ପରକୁ ଭଲ ପାଇ ବସିଥିଲେ ଓ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । । ଉଭୟ ଏକାଠି ୪୬ ବର୍ଷ କାଟି ଦେଇଥିଲେ । ତେବେ ବିବାହ ପରେ ଜନ୍ ପ୍ରତିବର୍ଷ ପ୍ରେମ ଦିବସରେ ଡାଏନାଙ୍କୁ ଲାଲ ଗୋଲାପ ଏବଂ ଧଳା ଲିଲି ଫୁଲର ତୋଡ଼ା ସହିତ ଏକ କାର୍ଡ ଦେଉଥିଲେ । ସେହି କାର୍ଡରେ ଲେଖା ଥାଏ 'ମୋ ପାଖେ ଗୋଟିଏ ହୃଦୟ ଅଛି ଆଉ ସେଇଟା ତୁମର । ତୁମେ ସବୁବେଳେ ମୋର ଭ୍ୟାଲେଣ୍ଟାଇନ୍ ହୋଇ ରହିବ ।' ହେଲେ ଜନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ୨୦୧୭ ମସିହାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଜନ୍ ମୃତ୍ୟୁ ପୂର୍ବରୁ ତାଙ୍କ ଅନୁପସ୍ଥିତିରେ ଧର୍ମପତ୍ନୀଙ୍କୁ ଜୀବନସାରା ପ୍ରେମ ଦିବସରେ ଉପହାର ପ୍ରଦାନ କରିବାକୁ ସେ ତାଙ୍କର ତିନି ସନ୍ତାନଙ୍କ ମଧ୍ୟରୁ ଜଣେ ଝିଅଙ୍କୁ ଦାୟିତ୍ୱ ଦେଇଥିଲେ । ତେଣୁ ତାଙ୍କ ମୃତ୍ୟୁ ପରେ ପ୍ରତିବର୍ଷ ପ୍ରେମ ଦିବସରେ ଡାଏନାଙ୍କୁ ଏହି ଉପହାର ମିଳିଥାଏ । ଏନେଇ ତାଙ୍କ ଝିଅଙ୍କ କହିବା କଥା, ତାଙ୍କ ପିତା ଡାଏନାଙ୍କୁ ଭାଲେଣ୍ଟାଇନ୍ ଡେ'ରେ ସେ ଯେମିତି ଏକୁଟିଆ ଅନୁଭବ ନ କରିବେ ସେଥିପାଇଁ ମୃତ୍ୟୁପୂର୍ବରୁ ବ୍ୟବସ୍ଥା କରିଥିଲେ । ୨୦୧୮ ମସିହାରେ ପ୍ରଥମ ଥର ପାଇଁ ଡାଏନା ଫୁଲ ଓ କାର୍ଡ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଜନ୍ ତାଙ୍କ ପାଇଁ ଫୁଲ ନେଇ ଆସିଛନ୍ତି ବୋଲି ସେ ଭାବିଥିଲେ । ପରେ ଝିଅ ମୁହଁରୁ ସବୁ କଥା ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଏନେଇ ଡାଏନା କୁହନ୍ତି, 'ସେ ସ୍ୱର୍ଗରୁ ମୋ ପାଇଁ ଏସବୁ ପଠାଉଛନ୍ତି ବୋଲି ମୋତେ ଅନୁଭବ ହୁଏ ।'



## ୧୩୬୧ କୋଟିର ଫିଲ୍ମ 'ବାରାଣସୀ'

'ବାହୁବଳି' ଫ୍ରାଞ୍ଚାଇଜ୍, 'ଆର୍‌ଆର୍‌ଆର୍' ଭଳି ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେଇଥିବା ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ତାଙ୍କର ଆଗାମୀ ଫିଲ୍ମ 'ବାରାଣସୀ'କୁ ନେଇ ଏବେ ଚର୍ଚ୍ଚାରେ । ଏଥିରେ ମୁଖ୍ୟ ଭୂମିକାରେ ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱିରାଜ୍ ସୁକୁମାରନ୍ ନଜର ଆସିବେ । ଏହା ଆସନ୍ତା ବର୍ଷ ଏପ୍ରିଲ୍ ୭ରେ ରିଲିଜ୍ ହେବ । ଏବେ ଏହାର ବଜେଟ୍‌କୁ ନେଇ ଖବର ଆସିଛି । ଏହି ତେଲୁଗୁ ଫିଲ୍ମର ବଜେଟ୍ ୧୩୬୧ କୋଟି ଟଙ୍କା ରହିଛି । ଏହାକୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି । ତେବେ ରାଜମୌଳି ଏହି ଫିଲ୍ମର ବଜେଟ୍ ବଢ଼ାଇ ନିଜ ରେକର୍ଡକୁ ଭାଙ୍ଗିଛନ୍ତି । ଏହାପୂର୍ବରୁ ତାଙ୍କ ଫିଲ୍ମ 'ଆର୍‌ଆର୍‌ଆର୍' ମଧ୍ୟ ବଡ଼ ବଜେଟ୍ ପାଇଁ ଚର୍ଚ୍ଚାରେ ଥିଲା । ଆକ୍ସନ୍ ସିନ୍ ଓ ଭିଜୁଆଲ ଇଫେକ୍ଟସ୍ ଯୋଗୁ ଏହାର ବଜେଟ୍ ୬୫୧.୬ କୋଟି ଥିଲା । ଏଥିରେ ଜୁନିୟର୍ ଏନ୍‌ଟିଆର୍ ଓ ରାମଚରଣ ମୁଖ୍ୟ ଭୂମିକାରେ ଦେଖାଯାଇଥିଲେ । ଆଉ ଏବେ 'ବାରାଣସୀ'ର ଭବ୍ୟତାକୁ ବଢ଼ାଇବା ଉଦ୍ଦେଶ୍ୟରେ ରାଜମୌଳି ଏଥିରେ ପାଣି ଭଳି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି । ଭାରତରୁ ଆରମ୍ଭ କରି କେନିଆ ଜଙ୍ଗଲରେ ଏହାର ସୁଟିଂ ଚାଲିଛି । ଏହାର ସୁଟିଂ ସେ ସାତୋଟି ଦେଶରେ କରିବା ପାଇଁ ଯୋଜନା କରିଛନ୍ତି ।

## ଶହେ ଟଙ୍କାର ଚୋରି ୪୫ ବର୍ଷ ପରେ ଗିରଫ

କଥାରେ ଅଛି ଆଇନ୍‌ର ହାତ ବହୁତ ଲମ୍ବା । ଏହି କ୍ରମରେ ଜଣେ ବ୍ୟକ୍ତି ୧୦୦ ଟଙ୍କାର ଗହମ ଚୋରି ପାଇଁ ୪୫ ବର୍ଷ ପରେ ଜେଲ୍ ଯିବା ଘଟଣା ଏବେ ବେଶ୍ ଚର୍ଚ୍ଚାରେ ରହିଛି । ମଧ୍ୟପ୍ରଦେଶ, ଖରଗୋନ ଜିଲ୍ଲାର ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କୁ ସେ ୨୦ ବର୍ଷ ବୟସରେ କରିଥିବା ଏକ ଭୁଲ୍ ପାଇଁ ଏବେ ତାଙ୍କୁ ପୁଲିସ୍ ଗିରଫ କରିଛି । ଘଟଣାଟି ୧୯୮୦ ମସିହାର । ବଲଖାଦ ଗାଁ ନିକଟସ୍ଥ ବଲସମୁନ୍ଦ କାକଡ଼ ଅଞ୍ଚଳରେ ସଲିମ୍ ଅନ୍ୟ ଛଅ ଜଣଙ୍କ ସହ ମିଶି କ୍ଷେତରୁ ଗହମ ଚୋରି କରିଥିଲେ । ସେତେବେଳେ କ୍ୱିଣ୍ଟାଲ ଗହମର ମୂଲ୍ୟ ପାଖାପାଖି ଶହେ ପନ୍ଦର ଟଙ୍କା ଥିଲା । ସେମାନେ ପାଖାପାଖି ୧୦୦ ଟଙ୍କାର ଗହମ ଚୋରି କରିଥିଲେ । ଏହି ଘଟଣାରେ ପୋଲିସ୍ ସେତେବେଳେ ସାତ ଜଣଙ୍କୁ ଗିରଫ କରିଥିଲା । ତନ୍ମଧ୍ୟରୁ ଦୁଇ ଜଣ ଫେରାର୍ ହୋଇଯାଇଥିଲେ । ସେତେବେଳେ ଏହି ମାମଲା କୋର୍ଟରେ ବିଚାରଧୀନ ଥିବାବେଳେ ସଲିମ୍‌ଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା । ସଲିମ୍ ପୋଲିସ୍ ହାତରୁ ଖସି ଯିବା ପରେ ଧାର ଜିଲ୍ଲାର ବାଗ୍ ଅଞ୍ଚଳକୁ ଚାଲିଯାଇଥିଲେ । ସେଠାରେ ସେ ଏକ ନୂଆ ଜୀବନ ଆରମ୍ଭ କରିଥିଲେ । ତେଜରାତି ଦୋକାନଟେ ଖୋଲି ପରିବାର ପ୍ରତିପୋଷଣ କରୁଥିଲେ । ନିକଟରେ ସ୍ଥାନୀୟ ପୋଲିସ୍ ପକ୍ଷରୁ ଦୀର୍ଘଦିନରୁ ଫେରାର୍ ଥିବା ଆରୋପୀଙ୍କୁ ଖୋଜିବା ପାଇଁ ଏକ ବିଶେଷ ଅଭିଯାନ ଚାଲିଥିବାବେଳେ ୧୯୮୦ ଏହି ଚୋରି ଘଟଣା ସାମ୍ନାକୁ ଆସିଥିଲା । ଜଣେ ଅଭିଯୁକ୍ତ ଏଯାବତ୍ ଫେରାର୍ ଥିବା କଥା ଜଣାପଡ଼ିଥିଲା । ଏହାପରେ ସଲିମ୍‌କୁ ଗିରଫ କରାଯାଇଥିଲା ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେବ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।